- ନିଗମ ଅଂଚଳରେ କେତେ ହୋଡ଼ିଂ ଲଗାଯାଉଛି, ତାହାର ତାଲିକା ପ୍ରସ୍ତୁତ କରାଯାଇ ବେଆଇନ ହୋଡ଼ିଙ୍ଗକୁ ଉଚ୍ଛେଦ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ଛତୁ ଫୁଟିଲା ଭଳି ନର୍ସିଂ ହୋମ, ବଡ଼ ବଡ଼ ବ୍ୟବସାୟୀକ ଅନୁଷ୍ଠାନ ଏବଂ କଲ୍ୟାଣ ମଣ୍ଡପ ନିର୍ମାଣ କରି ବ୍ୟବସାୟ କରିଆସୁଛନ୍ତି । ତେଣୁ ସେମାନଙ୍କ ଠାରୁ ବ୍ୟବହାରୀକ ଟିକସ ଆଦାୟ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।



Scanned with CamScanner

**ଶ୍ରୀଯୁକ୍ତ ଅରବିନ୍ଦ ଜେନା, କର୍ପୋରେଟର, ୱାର୍ଡ ନଂ-୪୩ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡରେ ଜଳବନ୍ଦି ସମସ୍ୟା ପ୍ରତିବର୍ଷ ଲାଗି ରହିଥାଏ । ୨୦ ବର୍ଷ ପରେ ଡ୍ରେନ ସଫେଇ କରାଗଲା ଏବଂ ବହୁ ପ୍ରତିକ୍ଷିତ କଲଭର୍ଟ ମଧ୍ୟ ନିର୍ମାଣ କରାଗଲା । ସେଥିପାଇଁ ମାନ୍ୟବର ମେୟରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।
- ଅଭୟପୁର **IHSDP** ଅଞ୍ଚଳ ବେଲ୍ଟରେ ଲୋକମାନେ ପିଇବା ପାଣି ପାଇପାରୁନାହାଁନ୍ତି । ମଟର ପାଣି ଉଠାଉନାହିଁ । ୯୨ ଗୋଟି ପରିବାର ପାଣି ପାଇଁ ଅସ୍ତବ୍ୟସ୍ତ, ତେଣୁ ତୁରନ୍ତ ପିଇବା ପାଣି ବ୍ୟବସ୍ଥା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- **IHSDP** ବେଲ୍ଟରେ ଜଳବନ୍ଦି ସମସ୍ୟା ଚିର ସ୍ଥାୟୀ ସମସ୍ୟାର ସମାଧାନ କରିବାକୁ ହେଲେ ପୂର୍ବବନ୍ଧୁ ଲୋକଙ୍କ ଘର ପାଖ **Land Accusition** କରାଯାଇ ଡ୍ରେନ ନିର୍ମାଣ କରାଯାଇ ମୁଖ୍ୟ ଡ୍ରେନକୁ ସଂଯୋଗ କରାଗଲେ ଜଳବନ୍ଦି ରହିବ ନାହିଁ । ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- **IHSDP** ବସ୍ତିରେ ମଇଳା ଟାଙ୍କି **Over flow** ହୋଇ ରାସ୍ତାରେ ଭାସୁଥିବାରୁ, ଯଥାଶିଘ୍ର ଏହାର ପ୍ରତିକାର କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ଜାଇକା ବାରମ୍ବାର ରାସ୍ତା ଖୋଳି ଚାଲିଛି, ବର୍ଷାଦିନରେ ଜଳବନ୍ଦି ସମସ୍ୟା ହେବ ବୋଲି ସତର୍କ କରାଇଦେବା ସହ, ଜାଇକାକୁ ତାଗିଦ କରାଯିବା ସହ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଦୀପକ କୁମାର ଦାସ, କର୍ପୋରେଟର, ୱାର୍ଡ ନଂ-୩୦ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୩ ବର୍ଷ ହେବ ଭତ୍ତା ପ୍ରଦାନ ନିମନ୍ତେ ନୂତନ ହିତାଧିକାରୀ ଚୟନ କରାଯାଉନାହିଁ । କେବଳ **Vacancy** ଅନୁଯାୟୀ **Allot** କରାଯାଉଛି । ଅନେକ ଯୋଗ୍ୟ ହିତାଧିକାରୀ ମାନେ ଭତ୍ତା ପାଇଁ ଆବେଦନ କରି ବର୍ଷ ବର୍ଷ ଧରି ଅପେକ୍ଷା କରିଛନ୍ତି । ସେଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ସହ ନୂତନ ଭତ୍ତା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- କଟକ ସହରରେ ମଶା ବୃଦ୍ଧି ହୋଇଚାଲିଛି, ମଶା ନିୟନ୍ତ୍ରଣ ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରାଯାଉଛି ଜାଣିବାକୁ ଚାହିଁବା ସହ କେଉଁ ସ୍ଥାନରେ ମଶା ବଂଶ ବୃଦ୍ଧି ହେଉଛି ତାହାର ଉଦାହରଣ ଦେଇ କହିଥିଲେ, ୱାର୍ଡରେ ଥିବା ବିଏସ୍ଏନ୍ଏଲ କଲୋନୀ ଭିତରେ ଜଙ୍ଗଲ ପାଲଟିଗଲାଣି ଜଳ ନିଷ୍କାସନ ହୋଇପାରୁନାହିଁ ଏବଂ ମଶା ବୃଦ୍ଧିର ପୋଷଣସ୍ଥଳ ପାଲଟିଗଲାଣି । ଏଭଳି ସ୍ଥାନକୁ ଚିହ୍ନଟ କରାଯାଇ ସଫେଇ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରିଥିଲେ ।
- ମାଛୁଆ ବଜାର ଠାରୁ ପିତବାସ ଘର ପର୍ଯ୍ୟନ୍ତ ୬୫ ଲକ୍ଷ ଟଙ୍କାର ଡ୍ରେନ ନିର୍ମାଣ କରାଯାଉଛି । ଠିକାଦାରଙ୍କୁ ପଚାରିଲେ କୌଣସି ଉତ୍ତର ମିଳୁନାହିଁ । ୱାର୍ଡର ଜନପ୍ରତିନିଧି ହିସାବରେ କେଉଁଠି କେଉଁ କାର୍ଯ୍ୟ ହେବ ତାହା ଜଣ ଆମର ଜାଣିବାର ଅଧିକାର ନାହିଁ । ୱାର୍ଡରେ ଯାହା ଯାହା କାର୍ଯ୍ୟ କରାଯିବ ସ୍ଥାନୀୟ କର୍ପୋରେଟରଙ୍କ ଜ୍ଞାତ ସାରରେ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ହାଡ଼ିଆପଠା ଠାରେ ମିନି ପାର୍କ ନିର୍ମାଣ କରାଯାଉଛି । ନିର୍ମାଣକୁ ସ୍ୱାଗତ କରୁଅଛି, ହେଲେ କେଉଁ ସଂସ୍ଥା ନିର୍ମାଣ କରୁଛି ତାହା ଅବଗତ କରାଯାଉନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ ।

Scanned with CamScanner

❖ ନିଗମ ଅଞ୍ଚଳରେ ପିଇବା ପାଣି ସମସ୍ୟାର ପ୍ରତିକାର କରାଯାଉ । କାରଣ ପାଇପରେ ମଇଳା ଏବଂ ଘୋଳିଆ ପାଣି ଆସୁଛି । ପୁରୁଣା ପାଇପ ଅନେକ ସ୍ଥାନରେ ଫାଟିଯିବାରୁ ରାସ୍ତାର ମଇଳା ପାଇପରେ ଆସୁଛି । ତେଣୁ ପୁରୁଣା ପାଇପ ବାହାର କରାଯାଇ ନୂଆ ପାଇପ ଲଗାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ବାଡ଼ିପଦା ଠାରେ ୫୦୦ ଖଣ୍ଡରୁ ଅଧିକ ଗାଡ଼ି ପାର୍କ କରୁଅଛି । ତାହାକୁ ଅନୁଧ୍ୟାନ କରାଯାଉ ଏବଂ ଯାହାକୁ ପାର୍କିଂ ନିମନ୍ତେ ଯଦି ନିଲାମ କରାଯାଏ, ତେବେ ନିଗମର ଆୟ ବୃଦ୍ଧି ହୋଇପାରିବ ବୋଲି ପ୍ରସ୍ତାବ ଦେଇଥିଲେ ।

❖ ମାଛୁଆ ବଜାର ଠାରେ ଥିବା ପାର୍କ ଏରିଆରେ ଜବରଦଖଲକାରୀମାନେ ଅବରୋଧ କରି ବ୍ୟବସାୟ କରୁଛନ୍ତି ଏବଂ ଅସାମାଜିକ ବ୍ୟକ୍ତିମାନେ ମଦ, ଗଞ୍ଜେଇର ଆଡ୍ଡାସ୍ଥଳୀ କରେଇ ସାରିଲେଣି । ତେଣୁ ଅବରୋଧକାରୀଙ୍କୁ ଉଚ୍ଛେଦ କରାଯିବା ସହ ଉକ୍ତ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଭାରତୀୟ ଜୀବନ ବୀମା କାର୍ଯ୍ୟାଳୟ ସମ୍ମୁଖ ପାର୍କ ଅଲଗା ଏବଂ ପାର୍କ ରୋଡ ଅଲଗା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଞ୍ଚଳରେ ବଡ଼ ବଡ଼ ଗଳିରେ ବା ଛକ ବହୁଳ ରାସ୍ତାରେ **Paver Block** ରାସ୍ତା ବଦଳରେ କଂକ୍ରିଟ ରାସ୍ତା ନିର୍ମାଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡରେ ଜାଇକା ସଂସ୍ଥା ରାସ୍ତା ଖୋଳି କମ୍ ସମୟ ମଧ୍ୟରେ କାର୍ଯ୍ୟ ଶେଷ ନକରି ଅନେକ ଦିନ ଧରି କାର୍ଯ୍ୟ କରୁଛି । ଖୋଳିବା ପରେ ରାସ୍ତା କାର୍ଯ୍ୟ ସଠିକ୍ ଭାବେ ନିର୍ମାଣ କରୁନାହିଁ, ଖାଲ, ଖମା ଛାଡ଼ି ଦେଉଛି । ଅଭିଯୋଗ କଲେ ଜାଇକା କର୍ତ୍ତୃପକ୍ଷ ଶୁଣୁନାହାଁନ୍ତି, ଏ ଦିଗରେ କ୍ଷୋଭ ପ୍ରକାଶ କରିବା ସହ ଯଥାଶୀଘ୍ର ଏଥିପ୍ରତି ଧ୍ୟାନ ଦେବାକୁ ପ୍ରସ୍ତାବ ଦେଇଥିଲେ ।

❖ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ସମ୍ପ୍ରସାରଣ ନିମନ୍ତେ ବସ୍ତି ଉଚ୍ଛେଦ କରାଯାଇ ଜଗତପୁର, ନିମପୁର ଠାରେ ଥଇଥାନ କରାଗଲା । ସୌଭାଗ୍ୟ ଯୋଜନାରେ ଲାଇଟ ଯୋଗାଇ ଦିଆଯାଇଥିଲେ ମଧ୍ୟ **Tata Company** ଲାଇନ କାଟି ଦେଉଛି । ବର୍ଷା ଦିନରେ ଅନ୍ଧାରରେ କିଭଳି ସେମାନେ ରହିବେ ଏବଂ ଶୌଚାଳୟରେ ମଧ୍ୟ ପାଣି ଆସୁନାହିଁ । ଦ୍ୱିତୀୟତଃ ଜଳ ନିଷ୍କାସନର ସୁବିଧା ନଥିବାରୁ **Toilet**ରେ ବର୍ଷାପାଣି ପଶୁଛି । ତେଣୁ ବସ୍ତି ବାସିନ୍ଦାଙ୍କ ମୌଳିକ ସୁବିଧା କରାଯିବା ନିମନ୍ତେ ପ୍ରସ୍ତାବ ଦେବା ସହ କାର୍ଯ୍ୟ କରୁଥିବା ଠିକାଦାର ଯଥାଶୀଘ୍ର କାର୍ଯ୍ୟ ଶେଷ କରିବାକୁ ମାନ୍ୟବର ମେୟର ଏବଂ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବସ୍ତିରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡରେ ଛତୁ ଫୁଟିଲା ଭଳି ନର୍ସିଂ ହୋମ ଗଜି ଉଠୁଛି । ସେମାନଙ୍କର ପ୍ରାୟ **NOC** ନାହିଁ ଏବଂ ବିନା ଲାଇସେନ୍ସରେ ୩୦ ରୁ ୪୦ ଲାବୋରେଟୋରି ଚାଲିଛି । ସେମାନେ କାମକୁ ମାତ୍ର **Saniclean** ନେଇଥିଲେ ମଧ୍ୟ ବର୍ଜ୍ୟବସ୍ତୁ ରାସ୍ତା ଏବଂ ନାଳରେ ପକାଉଛନ୍ତି । ତେଣୁ ନିଗମର **Enforcement Team** ଅନୁଧ୍ୟାନ କରି ଜୋରିମାନା ଆଦାୟ କରିବା ସହ **Trade Licence** ଏବଂ **Service**

Scanned with CamScanner

**Tax** ସେମାନଙ୍କ ଠାରୁ ଆଦାୟ କରାଗଲେ ନିଗମର ରାଜସ୍ୱ ବୃଦ୍ଧି ପାଇବ ବୋଲି ପ୍ରସ୍ତାବ ଦେଇଥିଲେ ।

- ❖ ନିଗମର ବ୍ଲସ୍ କଟର ଗୁଡ଼ିକ ଖରାପ ହୋଇ ଷ୍ଟୋରରେ ପଡ଼ି ନଷ୍ଟ ହୋଇଯାଉଛି । ଅନୁଧ୍ୟାନ କରାଯାଇ ମରାମତି କରାଯିବା ପରେ କାର୍ଯ୍ୟରେ ନିୟୋଜିତ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ❖ ନିଗମ ଅଂଚଳରେ ବିଗତ ତିନି ବର୍ଷରେ କଣ କଣ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି, ତାହାର ତାଲିକା ପ୍ରଦାନ ନିମନ୍ତେ ଦାବି ଉପସ୍ଥାପନା କରାଯାଇଥିଲେ ମଧ୍ୟ ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ କାର୍ଯ୍ୟାଦେଶ ତାଲିକା ପ୍ରଦାନ କରାଯାଇନଥିବାରୁ, ଯଥାଶୀଘ୍ର ସମ୍ପୂର୍ଣ୍ଣ ତାଲିକା ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ଜନାର୍ଦ୍ଦନ ପରିଡା, କର୍ପୋରେଟର, ୱାର୍ଡ ନଂ-୫୮ :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଆମ୍ଭ ୪ ଗୋଟି ୱାର୍ଡ ଅନୁନ୍ନତ ଅବସ୍ଥାରେ ଥିଲେ ମଧ୍ୟ ବିଶେଷ କୌଣସି କାର୍ଯ୍ୟ କରାଯାଉନାହିଁ । ନିଗମର ଅନ୍ୟ ୱାର୍ଡ ସହ ସମକକ୍ଷ କରାଯିବାକୁ ହେଲେ ଅନେକ କାର୍ଯ୍ୟ କରାଯିବାକୁ ପଡ଼ିବ ବୋଲି ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ❖ ଡ୍ରେନରୁ ପଙ୍କସଫା କାର୍ଯ୍ୟ କରାଯାଉନାହିଁ । କାର୍ଯ୍ୟାଦେଶ ପାଇଥିବା ଠିକାଦାର ମଧ୍ୟ ଧ୍ୟାନ ଦେଉନାହାଁନ୍ତି । ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବ, ତେଣୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ❖ ପ୍ରୋଜେକ୍ଟ ଅଫିସରରେ କାର୍ଯ୍ୟ କରୁଥିବା କମ୍ୟୁନିଟି ଅର୍ଗାନାଇଜର ମାନେ ଅତ୍ୟଧିକ ଗରମରେ କାର୍ଯ୍ୟ କରୁଛନ୍ତି । ତେଣୁ ସେଠାରେ **Air Conditioner** ଅବସ୍ଥାପିତ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ❖ ପ୍ରୋଜେକ୍ଟ ଅଫିସ କାର୍ଯ୍ୟାଳୟରେ **Toilet** ନିର୍ମାଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ସତ୍ୟ ରଂଜନ ତ୍ରିପାଠୀ, କର୍ପୋରେଟର, ୱାର୍ଡ ନଂ-୧୩ :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡରେ ଶର୍ଯ୍ୟାଶାୟୀ ଭତ୍ତା ହିତାଧିକାରୀ ମାନଙ୍କୁ ଭତ୍ତା ପ୍ରଦାନକାରୀମାନେ ତାଙ୍କ ଘରେ ଭତ୍ତା ପ୍ରଦାନ କରୁନାହାଁନ୍ତି । ସେଥିପ୍ରତି ଧ୍ୟାନ ଦିଆଯିବା ସହିତ ଶର୍ଯ୍ୟାଶାୟୀଙ୍କ ଘରେ ଭତ୍ତା ପ୍ରଦାନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ❖ ଜାତୀୟ ରାଜପଥ ଏବଂ ଜନଗହଳିପୂର୍ଣ୍ଣ ରାସ୍ତାରେ ଟ୍ରକ, ବସ୍ ଏବଂ ଅନ୍ୟାନ୍ୟ ଯାନ ବାହାନ ଦ୍ରୁତ ଗତିରେ ଚାଲୁଥିବାରୁ ଅନେକ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଛି । ତେଣୁ ଯାନବାହାନର ଗତି ନିୟନ୍ତ୍ରଣ କରାଯିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଯତିନ୍ କୁମାର ବେହେରା, କର୍ପୋରେଟର, <u>ୱାର୍ଡ ନଂ-୩୭ :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ନିଗମ ଅଂଚଳରେ ନିର୍ମାଣ କରାଯାଉଥିବା ରାସ୍ତା, ଡ୍ରେନ ଏବଂ ସ୍ଲାବ ଗୁଡ଼ିକର ସ୍ଥାୟୀତ୍ୱ କେତେ ଦିନ, ଏବଂ ନିର୍ମାଣର କେତେ ବର୍ଷ ପର୍ଯ୍ୟନ୍ତ ତାହା ରହିବ ଜାଣିବାକୁ ଚାହିଁବା ସହ କ୍ଷୋଭ ପ୍ରକାଶ କରିଥିଲେ । ଡ୍ରେନରେ ସ୍ଥାପନ କରାଯାଉଥିବା

Scanned with CamScanner

ସ୍ଥାନ ମାତ୍ର ଦୁଇ ମାସ ମଧ୍ୟରେ ଭାଙ୍ଗି ଯାଉଛି । ତେଣୁ ନିର୍ମାଣର ଗୁଣବତ୍ତା ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ପ୍ରସ୍ତାବ ଦେଇଥିଲେ ।

- ନିଗମ ଭବନ ଠାରେ ବିବିଜି କାର୍ଯ୍ୟାଳୟ ପରିଚାଳିତ ହେଉଅଛି । ବିବିଜି ଏକ ଘରୋଇ ସଂସ୍ଥା ହୋଇଥିବାରୁ ନିଗମକୁ କିଛି ଘର ଭଡ଼ା ଏବଂ ବୈଦ୍ୟୁତିକ ଦେୟ ପ୍ରଦାନ କରୁଛି ନା ନାହିଁ ତାହା ଜାଣିବାକୁ ଚାହିଁଥିଲେ, ଯଦି ଏହା ପ୍ରଦାନ କରୁନାହାନ୍ତି, ତେବେ କାର୍ଯ୍ୟାଳୟ ଦଖଲ କରିଆସିଥିବା ଦିନଠାରୁ ଘରଭଡ଼ା ଏବଂ ବୈଦ୍ୟୁତିକ ଦେୟ ବିବିଜି ଠାରୁ ଆଦାୟ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

- ନିଗମରେ ସିଡ଼ିପିଓ-୨ର କାର୍ଯ୍ୟାଳୟ ଚାଲୁଅଛି, କିନ୍ତୁ ସତ୍ୟଭାମାପୁର ଠାରେ ସିଡ଼ିପିଓଙ୍କ ନିଜସ୍ୱ କାର୍ଯ୍ୟାଳୟ ଥିବା ବେଳେ ନିଜ ଭବନଠାରେ ସିଡ଼ିପିଓ କାର୍ଯ୍ୟାଳୟ ରହିବି ଚାଲିବ । ତେଣୁ ନିଗମରୁ ସିଡ଼ିପିଓଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ନିଗମ ଭବନସ୍ଥିତ Control Roomକୁ ଆସୁଥିବା ଆଗନ୍ତୁକଙ୍କ ନିମନ୍ତେ ବସିବାର ବ୍ୟବସ୍ଥା ସହିତ ପାନୀୟ ଜଳର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

<u>ଶ୍ରୀଯୁକ୍ତ ରବି ନାରାୟଣ ସାହୁ, କର୍ପୋରେଟର, ୱାର୍ଡ ନଂ-୩୦ :</u>

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପରିଚ୍ଛନ୍ନତା ନିମନ୍ତେ ପ୍ରତ୍ୟେକ ୱାର୍ଡକୁ ୫ ଜଣ ଲେଖାଏଁ ଏକ ମାସ ପାଇଁ ସଫେଇ କର୍ମଚାରୀ ଯୋଗାଇ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ କରାଯାଇନଥିବାରୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିବା ପରିଷ୍କାର କରିବା ନିମନ୍ତେ ତୁରନ୍ତ ସଫେଇ କର୍ମଚାରୀ ଯୋଗାଇ ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

<u>ଶ୍ରୀଯୁକ୍ତ କେଦାର ପୃଷ୍ଟି, ମାନ୍ୟବର ବାରବାଟୀ କଟକ ବିଧାୟକଙ୍କ ପ୍ରତିନିଧି :</u>

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପରିମଳ ଟେଣ୍ଡର Health Expertଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କରାଯାଉନି କାହିଁକି ଯନ୍ତ୍ରୀ ବିଭାଗ ପରିମଳ ଟେଣ୍ଡର କରୁଅଛି, ଏହା ଏକ ପ୍ରଶ୍ନବାଚୀ ବୋଲି ସୂଚାଇ ଦେଇଥିଲେ ।

- ବର୍ତ୍ତମାନ ପରିଚାଳନା ଟେଣ୍ଡର ପ୍ରଥମେ ୨୦୧୧ ମସିହାରେ କରାଯାଇଥିଲା । ସେହି ଟେଣ୍ଡର ପ୍ରକ୍ରିୟାରେ L1 ହୋଇଥିବା ରାମକୀ ସଂସ୍ଥା ୨୦୧୧ ଠାରୁ ୨୦୧୬ ପର୍ଯ୍ୟନ୍ତ ୫ ବର୍ଷ ନିମନ୍ତେ ପରିମଳ ଦାୟିତ୍ୱ ତୁଲାଇବା ପରେ ପୂର୍ବବାର ପରିମଳ ଦାୟିତ୍ୱ ରାମକୀକୁ ଅତିରିକ୍ତ ୨ ବର୍ଷ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଯାହାକି ପରବର୍ତ୍ତୀ ସମୟରେ ରାମକୀକୁ ଲୋକ ଯୋଗାଣ କରିଆସୁଥିବା BBG Metal Syndicate Pvt. Ltd. ସଂସ୍ଥାକୁ ଅସ୍ଥାୟୀ ଭାବେ ପରିମଳ ଦାୟିତ୍ୱ ତୁଲାଇବା ନିମନ୍ତେ ତା ୦୧.୦୪.୨୦୧୮ ମସିହାରେ ନିଗମ ୪୦ ଗୋଟି ୱାର୍ଡର ପରିମଳ ଦାୟିତ୍ୱ ବିନା ଟେଣ୍ଡରରେ କାର୍ଯ୍ୟାଦେଶ ପ୍ରଦାନ କରାଗଲା ଏବଂ ଅଦ୍ୟାବଧି ବିବିଜି ସଫେଇ କାର୍ଯ୍ୟ କରି ଆସୁଅଛି । କିନ୍ତୁ ପରିମଳ ବିଷୟ ଟେଣ୍ଡର କରିବା ନିମନ୍ତେ ଦୀର୍ଘ ୪ ବର୍ଷ ଅତିବାହିତ ହେବା ପରେ ବର୍ତ୍ତମାନ ଟେଣ୍ଡର କରାଯାଇଛି । ଉକ୍ତ ଟେଣ୍ଡରରେ ଯାହା ସର୍ତ୍ତ ବା ନିୟମାବଳୀ ରଖାଯାଇଥିଲା, ସେଥିରେ ମାଁ ସର୍ଭିସ Technical Bidରେ କଟିଯିବା କଥା, କିନ୍ତୁ ଟେଣ୍ଡର ସର୍ତ୍ତକୁ ଉଲଂଘନ କରାଯାଇ କେଉଁ ଆଧାରରେ ମାଁ ସର୍ଭିସକୁ ଚୟନ କରାଗଲା । ଏଠାରେ ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କ ଅବଗତି ନିମନ୍ତେ ଟେଣ୍ଡର ନିୟମାବଳୀ ସହ

Scanned with CamScanner

ଅନୁଗୁଳ ପୌରପାଳିକା ଏବଂ ଭୁବନେଶ୍ୱର ମହାନଗର ନିଗମରେ ହୋଇଥିବା କଳାହାଣ୍ଡିକାଣ୍ଡର ଏକ ନିଜ ଉଦାହରଣ ପ୍ରଦାନ କରିବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ଏଠାରେ ବିଶେଷ ଦ୍ରଷ୍ଟବ୍ୟ ବିବିଜି ଏବଂ ମଁକୁ ସର୍ଭିସର ମାଲିକ ଏକ ଠିକ୍ ଟେଣ୍ଡର ହାତେଇବା ନିମନ୍ତେ ଚାଲବାଜି କରି ନାମ ବଦଳାଇ ଏହି ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ଚୟନ ହୋଇଛି । ଉକ୍ତ ସଂସ୍ଥା ବିରୁଦ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ବିଚାରାଧୀନ ଥିବାରୁ ଗୃହରେ ମଁକୁ ସର୍ଭିସ ବିଷୟରେ ଆଲୋଚନା କରାଯିବା ଯଥୋଚିତ ନୁହେଁ ବୋଲି ଗୃହକୁ ସୂଚନା ଦେଇଥିଲେ । ତେଣୁ ବର୍ତ୍ତମାନ ପାଇଁ ୪ ଗୋଟି ଜୋନକୁ କାଏମ ରଖାଯାଇ ମଁକୁ ସର୍ଭିସ ପ୍ରାପ୍ତ ହୋଇଥିବା ୨ ଗୋଟି ଜୋନକୁ ସ୍ଥଗିତ ରଖାଯିବା ସହିତ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ବର୍ତ୍ତମାନ ଟେଣ୍ଡରରେ ଖର୍ଚ୍ଚ ଅଟକଳ ୫ ବର୍ଷ ନିମନ୍ତେ ୨୧୧ କୋଟି ହୋଇଥିବା ବେଳେ ବାର୍ଷିକ ପ୍ରାୟ ୪୨ କୋଟି ଟଙ୍କା ନିଗମର ଆୟ ତୁଳନାରେ କିଭଳି ଏତେ ଟଙ୍କା ଖର୍ଚ୍ଚ କରାଯାଇପାରିବ । କାରଣ କଟକ ସହର ଏକ ଉନ୍ନତ ଗାଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୁଇଟି ନଦୀର ମଧ୍ୟସ୍ଥଳରେ ଅବସ୍ଥିତ କେତେକ ଗରିବ ଲୋକମାନଙ୍କର ଜନବସତି ଥିବା ଏବଂ ଘରକୁ ଘର ବୁଲି ଅଳିଆ ସଂଗ୍ରହଣ ବାବଦରେ ବାର୍ଷିକ ଆନୁମାନିକ ୧୨୦ କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ବର୍ତ୍ତମାନ ଟେଣ୍ଡର ବାବଦରେ ବାର୍ଷିକ ୪୨ କୋଟି ବ୍ୟୟ ଅଟକଳ କରାଯାଇଛି, ଯାହାକି ମୋଟରେ ଆନୁମାନିକ ୧୬୨ କୋଟି ଟଙ୍କା କେଉଁଠାରୁ ଆସିବ ବୋଲି ପ୍ରଶ୍ନ କରିବା ସହ ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ନିଗମରେ ଯୋଗଦାନ କରିଥିବା ଆୟୁକ୍ତ ମହୋଦୟ ଏହା ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମ ଦାୟିତ୍ୱରେ ଥିବା ବେଳେ ୨୦୧୭ ମସିହାରେ ବ୍ରହ୍ମପୁର ମହାନଗର ନିଗମର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆୟୁକ୍ତଙ୍କ କାର୍ଯ୍ୟ ଦକ୍ଷତା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କ ପ୍ରଶଂସା କରିବା ସହ ଟ୍ରଫି ପ୍ରଦାନ କରିଥିଲେ । ତେଣୁ କଟକ ସହରକୁ ଆୟୁକ୍ତ ମହୋଦୟ ଉନ୍ନତିର ଶିଖରରେ ପହଁଚାଇବା ସହ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ ଆଗେଇନେବେ ବୋଲି ଆମର ଆଶା ଓ ବିଶ୍ୱାସ ।

<u>ଶ୍ରୀଯୁକ୍ତ ପ୍ରଭାକାନ୍ତ ଲେଙ୍କା, ମାନ୍ୟବର ଚୌଦ୍ୱାର କଟକ ବିଧାୟକଙ୍କ ପ୍ରତିନିଧି :</u>

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ମହାନଦୀ ଉପରେ ନିର୍ମିତ ମଧୁବାବୁ ସେତୁ ଉପରେ ଆଲୋକୀକରଣ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ଏକ କୋଟି ପଚାଶ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଥିଲେ ମଧ୍ୟ ଉକ୍ତ ସେତୁ ଅନ୍ଧାରରେ ରହୁଛି, ଯାହାଫଳରେ ସେତୁ ଉପରେ ଅସାମାଜିକ ଆଡ୍ଡା ଚାଲିଛି । ତେଣୁ ତୁରନ୍ତ ମଧୁବାବୁ ସେତୁରେ ଆଲୋକୀକରଣ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

<u>ଶ୍ରୀମତୀ ଲକ୍ଷ୍ମୀପ୍ରିୟା ବେହେରା, କର୍ପୋରେଟର, ୱାର୍ଡ ନଂ-୫୬ :</u>

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ବାରବାଟୀ ହନୁମାନ ମନ୍ଦିର ଠାରୁ ହିନ୍ଦୋଳ କୋଠି ଲକ୍ଷ୍ମୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ବର୍ଷାରେ ଜଳମଗ୍ନ ହେଉଛି ଏବଂ ଜଳ ନିଷ୍କାସନ ହୋଇପାରୁନାହିଁ,

Scanned with CamScanner

ଯାହା ଫଳରେ ସ୍ଥାନୀୟ ଜନସାଧାରଣ ବର୍ଣ୍ଣିତଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହାର ପ୍ରତିକାର କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ସୁମିତ୍ରା ବଡ଼ିଆ, କର୍ପୋରେଟର, ୱାର୍ଡ ନଂ-୨୯ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ମୋ ୱାର୍ଡ ଅନ୍ତର୍ଗତ ପିଠାପୁର ଉ.ପ୍ରା. ବିଦ୍ୟାଳୟରେ ସ୍ଥାନୀୟ ଅଙ୍ଗନୱାଡ଼ୀ ପିଲା ପାଠ ପଢ଼ିଆସୁଥିଲେ, କିନ୍ତୁ କିଛି ଦିନ ହେବ ସ୍କୁଲ ଗୃହରେ ତାଲା ପଡ଼ିଥିବାରୁ ଅଙ୍ଗନୱାଡ଼ୀ ପିଲାମାନେ ପାଠ ପଢ଼ି ପାରୁନାହାନ୍ତି । ବାରଣ୍ଡାରେ ବସୁଛନ୍ତି ଏବଂ ପାଚିକା ରୋଷେଇ କରିବାକୁ ଯାଗା ନପାଇ ନିଜ ଘରେ ରୋଷେଇ କରି ପିଲାଙ୍କ ପାଇଁ ଖାଇବା ଯୋଗାଉଛନ୍ତି । ତେଣୁ ମାନ୍ୟବର ମେୟର ଏବଂ ଆୟୁକ୍ତ ଉକ୍ତ ସ୍କୁଲକୁ ପରିଦର୍ଶନ କରି ସମସ୍ୟାର ସମାଧାନ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀମତୀ ବକୁଳତା ପ୍ରଧାନ, କର୍ପୋରେଟର, ୱାର୍ଡ ନଂ-୨୮ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ମୋ ୱାର୍ଡରେ ୪ ଗୋଟି ବଡ଼ ବଡ଼ ବସ୍ତି ଥିବା ବେଳେ ଅନେକ ଛୋଟ ଛୋଟ ବସ୍ତି ବାସିନ୍ଦା ବାସ କରିଆସୁଛନ୍ତି । ସୁଇପର କଲୋନୀ, ସାରମନ୍ଦିର ପଛପଟ ବସ୍ତି, ମୁସଲମାନ ବସ୍ତି, ସାମଲ ସାହି ଆଦି ବସ୍ତିରେ ପାନୀୟ ଜଳ ଏବଂ ଆଲୋକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେମାନଙ୍କର ମୁଖ୍ୟ ସମସ୍ୟା ପାଣି, ହଳଦିଆ ରଙ୍ଗର ଅପରିଷ୍କାର ବାହାରୁଛି, ଯାହା ପିଇବା ଯୋଗ୍ୟ ନୁହେଁ । ଲାଇଟ ଖରାପ ହେଲେ ତୁରନ୍ତ ମରାମତି କରାଯାଉନାହିଁ । ବର୍ଷାଦିନ ବିଷାକ୍ତ ଜନ୍ତୁର ଭୟ ରହୁଛି । ତେଣୁ ତୁରନ୍ତ ଲାଇଟ ମରାମତି ବ୍ୟବସ୍ଥା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀମତୀ ମମତା ମହାନ୍ତି, କର୍ପୋରେଟର, ୱାର୍ଡ ନଂ-୩୯ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ବାମ୍ଫେଲ୍ଡ ଡିସପେନସାରୀରେ ପ୍ରାଚୀର ନାହିଁ । ସେଠାରେ ଅସାମାଜିକ ଆଡ୍ଡା ହେଉଛି । ଯଥାଶୀଘ୍ର ସେଠାରେ ପ୍ରାଚୀର ନିର୍ମାଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ନଗରୀ ଉପର ଛକ ତଳ ରୋଡ଼ ଅତ୍ୟନ୍ତ ଶୋଚନୀୟ, ଜାତୀୟ ରାଜପଥ ଡ୍ରେନ ବୁଡ଼ି ରହୁଛି । ଜଳ ନିଷ୍କାସନ ହୋଇପାରୁନାହିଁ । ବୁଲେଟ ସୋରୁମ ନିକଟରେ ଡ୍ରେନ ସଫେଇ କରାଯିବା ସହ ଅନୁଧ୍ୟାନ କରାଯାଇ ଜଳ ନିଷ୍କାସନର ବିକଳ୍ପ ବ୍ୟବସ୍ଥା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ପୁରୁଣା କାବରାମାନ ଏବଂ ନୂଆ କାବରାମାନଙ୍କରେ ଡ୍ରେନ ସଫେଇ କରାଯିବା ସହ ସ୍ଲାବ ସ୍ଥାପନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡର ଅଡଙ୍ଗଗଡ଼, ନୂଆପାଟଣା ଏବଂ ରାମନଗର ଠାରେ ଡ୍ରେନ ନିର୍ମାଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀମତୀ ଲତିକା ଦାସ, କର୍ପୋରେଟର, ୱାର୍ଡ ନଂ-୨୭ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପିଠାପୁର ଶିବ ମନ୍ଦିର ଠାରୁ ବାଲିସାହି ଶନି ମନ୍ଦିର ପର୍ଯ୍ୟନ୍ତ ରୋଡ଼ କାର୍ଯ୍ୟ ୱାର୍ଡ ନଂ-୨୭ ବଦଳରେ ୱାର୍ଡ ନଂ-୨୯ କରାଯାଇଛି । ଏହାକୁ ସଂଶୋଧନ କରାଯାଇ ୱାର୍ଡ ନଂ-୨୯ ବଦଳରେ ୱାର୍ଡ ନଂ- ୨୭ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ସେହିପରି ସମସ୍ତ କର୍ପୋରେଟରମାନଙ୍କ ଆପତ୍ତି ଅଭିଯୋଗକୁ ଶୁଣିବା ପରେ ସମସ୍ତଙ୍କୁ ସମ୍ବୋଧନ ଦେଇ କହିଥିଲେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ନିର୍ବାଚିତ ପ୍ରତିନିଧି ଏବଂ କର୍ମଚାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହାର ସହରର ଉନ୍ନତିକୁ ଆଖିରେ ରଖି ନିଗମର ନିଜସ୍ୱ ଆୟ ବୃଦ୍ଧି କରାଯିବ । ନିଗମର ବିଭିନ୍ନ ପ୍ରକାର ଟିକସ ଆଦାୟ ୫୦ କୋଟି ବଦଳରେ ୨୦୦ କୋଟିକୁ ବୃଦ୍ଧି କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ । ଏଥିପାଇଁ ଲାଇସେନ୍ସ ଏବଂ ଟିକସ ବିଭାଗ ଅଧିକାରୀଙ୍କ ସହିତ ବୈଠକ କରାଯାଇ ସରକାରଙ୍କର ନିର୍ଦ୍ଦେଶନାମା ଆଧାରରେ ରାଜସ୍ୱ ବୃଦ୍ଧିକୁ ପ୍ରାଧାନ୍ୟ ଦେବା ସହ ବିସ୍ତାରିତ ଅଞ୍ଚଳରେ ଗତ ୩୦ ବର୍ଷ ହେବ ଗୃହ ଟିକସ ଦେଉନଥିବାଲୋକ ସେମାନଙ୍କ ଠାରୁ ବ୍ୟାବହାରିକ ଟିକସ ଆଦାୟ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ । ପ୍ରତ୍ୟେକ ୱାର୍ଡର କର୍ପୋରେଟରଙ୍କ ସାଙ୍ଗେ ନିଜ ନିଜ ୱାର୍ଡର ସମସ୍ୟା ପାଇଁ ନିର୍ଦ୍ଦିଷ୍ଟ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ଚେଷ୍ଟା କରିବା ପରେ ଯଦି ସମାଧାନ ନହୁଏ, ତେବେ ପଦକ୍ଷେପ ନେବାକୁ ମେୟର ପ୍ରତିଶ୍ରୁତି ଦେଇଥିଲେ । ୱାର୍ଡ ନଂ-୧୬ରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ସମାଧିପୀଠରେ ମିନି ପାର୍କ ନିର୍ମାଣ ନିମନ୍ତେ ଡିପିଆର ପ୍ରସ୍ତୁତ କରାଯାଇଛି ଏବଂ ଯଥାଶୀଘ୍ର କାର୍ଯ୍ୟାରମ୍ଭ ହେବ । ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ନିର୍ମାଣ ନିମନ୍ତେ ୨୦ କୋଟି ଟଙ୍କା ମଞ୍ଜୁର କରାଯାଇ ପୁରୀ ବସଷ୍ଟାଣ୍ଡ ପାଖରେ ନିର୍ମାଣ କରାଯିବ । ନିଗମ ଅଞ୍ଚଳରେ ଆନୁମାନିକ ୨ ଲକ୍ଷ ଗୃହ ଥିବା ବେଳେ ମାତ୍ର ୬୦ ହଜାର ଗୃହ ଟିକସ ପରିସରଭୁକ୍ତ । ତେଣୁ ଶତ ପ୍ରତିଶତ ଗୃହ ଟିକସ ପରିସରଭୁକ୍ତ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ । ଯେଉଁ ହୋଲ୍ଡିଂ ସଂଖ୍ୟା ତାଲିକା ଅନୁଯାୟୀ ଦେୟ ପୈଠ କରୁନାହାଁନ୍ତି ୩ ମାସିଆ ନୋଟିସ ପ୍ରଦାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ । **Private Agency** ମାଧ୍ୟମରେ ଗୃହ ଟିକସ ଆଦାୟ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ ପ୍ରଦାନ କରିଥିଲେ । କଲ୍ୟାଣ ମଣ୍ଡପ କାର୍ଯ୍ୟ ଶେଷ କରାଯାଇ ଯଥାଶୀଘ୍ର ଚୁକ୍ତି ବ୍ୟବସ୍ଥା କରାଯିବ । ଆଲୋକ ଏବଂ ପରିମଳ ବିଷୟରେ , କମିଶନର, ପବ୍ଲିକ ହେଲଥ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଉପ ଆୟୁକ୍ତ (ପରିମଳ), ସ୍ୱାସ୍ଥ୍ୟ ଅଧିକାରୀ, ନଗର ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ(ବୈଦ୍ୟୁତିକ)ଙ୍କୁ ନେଇ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବ । ଲାଟଫୋଡ଼ି କେନ୍ଦୁ ଛକ ମଧୁସୂଦନ ସେତୁରେ ଆଲୋକୀକରଣ ବ୍ୟବସ୍ଥା କରାଯିବ ସହ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ନିଗମ ଅଞ୍ଚଳରେ ୧ ଜୁଲାଇ୨୦୨୨ ତାରିଖ ଠାରୁ ଜନସଚେତନତା ମାଧ୍ୟମରେ **Single Use Polythene** ବ୍ୟାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ପରିଷ୍କାର ନିମନ୍ତେ ଯୋଗାଇ ଦିଆଯାଇଥିବା ୱାର୍ଡ଼ବାଡ଼ି ଓ ଅନ୍ୟ ସଫେଇ କର୍ମଚାରୀ ତାଲିକା ସମସ୍ତ କର୍ପୋରେଟରଙ୍କୁ ପ୍ରଦାନ କରାଯିବା ସହ ୱାର୍ଡ଼ରେ ପରିଷ୍କାର କାର୍ଯ୍ୟ ପରେ ପଙ୍କ ମାଟି ନ ଉଠାଇଲେ ଦାୟିତ୍ୱ ଥିବା ସମ୍ପୃକ୍ତ-ପରିମଳ ନିରୀକ୍ଷକ, ସ୍ୱଚ୍ଛ ସାଥୀଙ୍କୁ ରିପୋର୍ଟ ତଲବ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୱାର୍ଡ଼ରେ ଯାହା ଯାହା ଉନ୍ନୟନ ମୂଳକ ତଥା ଅନ୍ୟାନ୍ୟ କାର୍ଯ୍ୟ କରାଯିବ ସେ ବିଷୟରେ କର୍ପୋରେଟର ମାନଙ୍କ ସାକ୍ଷାତରେ କରାଯିବ ଏବଂ ଉନ୍ନୟନ ମୂଳକ କାର୍ଯ୍ୟର ଠିକ୍ ଭାବେ ବ୍ୟୟ ଆକଳନ କରିବାକୁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଠିକାଦାରମାନେ ସମୟ ନିର୍ଘଣ୍ଟ ଅନୁଯାୟୀ କାର୍ଯ୍ୟ ସମାପ୍ତ ନକଲେ ସମ୍ପୃକ୍ତ ଠିକାଦାରଙ୍କୁ କଳାତାଲିକା ଭୁକ୍ତ କରାଯିବାକୁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ପରିଷଦ ବୈଠକରେ **NHAI, Watco, Irrigation, JICA, TPCODL** ଅଧିକାରୀମାନେ

ଲମ୍ବିତ ରହିବା ସହ ରାସନ କାର୍ଡ ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲା ଯୋଗାଣ ଅଧିକାରୀ ଲମ୍ବିତ ରହିବେ । ଲିଜ ପ୍ରଦାନକାରୀମାନେ ଲିଜ ଦିନ ଅଧିକ ଟଙ୍କା ଦେବା ସହିତ ଅନୁସନ୍ଧାନ କରି ଜାଗାର ଲିଜ ନବୀକରଣ କରିବାକୁ ବସ୍ତି ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ନିଗମ କମିଟି ମାନଙ୍କର କାର୍ଯ୍ୟରେ ସକ୍ରିୟ ଅବଗତ କରିବାକୁ ପରାମର୍ଶ ଦେଇଥିଲେ ।

ଆୟୁକ୍ତ ସମସ୍ତ କର୍ପୋରେଟର ମାନଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିବା ବିଭିନ୍ନ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରାଯିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ୱାର୍ଡରେ କରାଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ କର୍ପୋରେଟରମାନଙ୍କୁ ଅବଗତ କରିବା ସହ ସମସ୍ତ ୱାର୍ଡରେ ପରିମଳ କାର୍ଯ୍ୟ ଜୋର କରିବା ନିମନ୍ତେ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯନ୍ତ୍ରୀ ବିଭାଗ ଦ୍ୱାରା ନିଗମର ବିଭିନ୍ନ ୱାର୍ଡର ଷେତ୍ର ପରିଦର୍ଶନରେ ଥିବା କଲଭର୍ଟ ଗୁଡ଼ିକ ସଫା କରାଯିବା ସହ ଆବଶ୍ୟକ ସ୍ଥଳେ ମରାମତି ତଥା ପୁନର୍ନିର୍ମାଣ କରାଯିବାକୁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ କର୍ପୋରେଟରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ **Priority Basis**ରେ କରାଯିବ । ପରିମଳ ସେକ୍ଟରରେ ୬ କୋଟି ଟଙ୍କା ମଧ୍ୟରୁ ୩ କୋଟି ଟଙ୍କାର ଟେଣ୍ଡରକୁ କାଏମ ଇଚ୍ଛାଧୀନ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବା ସହ ଅନ୍ୟ ସମସ୍ତ ସ୍ଥାନର ଲୋକଙ୍କର ଲଭ ଦାୟିତ୍ୱରେ ଯୋଜନା ଥିବାରୁ ଦୁଇ କୋଟି ଟଙ୍କାର ପରିମଳ ଟେଣ୍ଡର ପରବର୍ତ୍ତୀ ସମୟରେ ଅନୁଧ୍ୟାନ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ । ନିଗମ ଅଞ୍ଚଳରେ ବିଭିନ୍ନ ସମୟରେ ବିଭିନ୍ନ ବିଭାଗ ଦ୍ୱାରା ରାସ୍ତା ଖୋଳୁଥିବାରୁ, ଏ ଦିଗରେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଏକ ବୈଠକ କରାଯିବା ସହ କାର୍ଯ୍ୟାରମ୍ଭ ସମୟରେ ସମ୍ପୃକ୍ତ ବିଭାଗର ଯନ୍ତ୍ରୀ ଏବଂ ନିଗମର ନଗର ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ । **Manpower** ନିମନ୍ତେ ଯଥାଶୀଘ୍ର ଟେଣ୍ଡର କରାଯିବାକୁ ପରାମର୍ଶ ଦେଇଥିଲେ । ଯେଉଁ ଯେଉଁ ହିତାଧିକାରୀ ଭତ୍ତା ଏବଂ ରାସନକାର୍ଡରେ ଅନ୍ତର୍ଭୁକ୍ତ ହୋଇ ପରବର୍ତ୍ତୀ ସମୟରେ ମୃତ୍ୟୁ ବରଣ କରିଛନ୍ତି ସେମାନଙ୍କ ନାମକୁ ଏହି ଯୋଜନାରୁ ବାଦ ଦେବାସହ ନୂତନ ହିତାଧିକାରୀ ଚୟନ କରିବାକୁ ବସ୍ତି ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିଗମର ଗୋଷ୍ଠୀ ସଂଗଠକ ମାନଙ୍କ ସହ ଏକ ବୈଠକ କରାଯାଇ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିଗମର ବିଶ୍ୱନାଥ ପଣ୍ଡିତ ପୁରାତନ ପାଠାଗାର ଯଥାଶୀଘ୍ର ନିର୍ମାଣ କରାଯିବା ସହ ଉକ୍ତ ପାଠାଗାର ଏବଂ ଛାତ୍ରୀ ପାଠାଗାରର ପୁନର୍ଦ୍ଧାର କରାଯିବା ସହିତ ବସ୍ତି ଅଞ୍ଚଳରେ ପାଠାଗାର ନିର୍ମାଣ କରାଯିବାକୁ ପରାମର୍ଶ ଦେଇଥିଲେ । **NUHM Guidelines** ଅନୁଯାୟୀ ନିଗମରେ କେତେ କୋଟି ଆବଶ୍ୟକ ରହିବ ତାହାର ବ୍ୟବସ୍ଥା କରାଯିବ । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ନିଗମ ଅଞ୍ଚଳରେ ୧ ଜୁଲାଇ ୨୦୨୨ ରିଖ ଠାରୁ **Single Use Polythene** ବ୍ୟାନ କରାଯିବା ନିମନ୍ତେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ ।

ପରିଶେଷରେ ମେୟର ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ମିଶ୍ର, ଗୃହରେ ସମସ୍ତ ୱାର୍ଡର ସମସ୍ୟା ବିଷୟରେ କର୍ପୋରେଟର ମାନଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।



Scanned with CamScanner

ପ୍ରସ୍ତାବ ନଂ-୧. ଗତ ତା. ୧୩-୦୫-୨୦୨୨ରିଖ ତୃତୀୟ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

ନିର୍ଦ୍ଧାରଣ-୧ : ଗତ ତା. ୧୩-୦୫-୨୦୨୨ରିଖ ପ୍ରଥମ ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ପ୍ରସ୍ତାବ ନଂ-୨. ନିମ୍ନଲିଖିତ ଷ୍ଟାଣ୍ଡିଂ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

ନିର୍ଦ୍ଧାରଣ ନଂ-୨.୧ ଗତ ୧୮-୦୫-୨୦୨୨ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୨ ଗତ ୧୯-୦୫-୨୦୨୨ରିଖ ଫାଇନାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଂ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୩ ଗତ ୨୦-୦୫-୨୦୨୨ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୪ ଗତ ୨୪-୦୫-୨୦୨୨ରିଖ ପବ୍ଲିକ ହେଲଥ, ଇଲେକଟ୍ରିକ ସପ୍ଲାଏ, ୱାଟର ସପ୍ଲାଏ, ଡ୍ରେନେଜ ଆଣ୍ଡ ଏନଭାଇରନମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୫ ଗତ ୨୫-୦୫-୨୦୨୨ରିଖ ପ୍ଲାନିଂ ଆଣ୍ଡ ଡେଭଲପମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୬ ଗତ ୨୬-୦୫-୨୦୨୨ରିଖ ଏଜୁକେଶନ,ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଂ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୭ ଗତ ୨୭-୦୫-୨୦୨୨ରିଖ ଟାଉନସିପ, ପାର୍କନାଣ୍ଡ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୮ ଗତ ୩୧-୦୫-୨୦୨୨ରିଖ ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଂ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୯ ଗତ ୨୮-୦୬-୨୦୨୨ରିଖ ଜଣ୍ଡାଲ୍ ଷ୍ଟାଣ୍ଡିଂ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୩. ନିଗମର ବିଭିନ୍ନ ବିଭାଗ ଦ୍ୱାରା ଆସିଥିବା କରାଯାଇଥିବା ପ୍ରସ୍ତାବ, ଷ୍ଟାଣ୍ଡିଂ କମିଟି ମାଧ୍ୟମରେ କରାଯାଇଥିବା ସୁପାରିଶ, କର୍ପୋରେଟର ମାନଙ୍କ ଦ୍ୱାରା କରାଯାଇଥିବା ଆଲୋଚନା ଏବଂ ବିଭିନ୍ନ ଭାବେ ଆଗତ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ଅନୁମୋଦନ ସହିତ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ କରାଗଲା ।

୧. କଟକ ମହାନଗର ନିଗମ ଅଞ୍ଚଳରେ ଯନ୍ତ୍ର ବିଭାଗ ଦ୍ୱାରା କରାଯାଉଥିବା ପରୀକ୍ଷାମୂଳକ କାର୍ଯ୍ୟ କରାଯାଉଥିବା ବେଳେ, ବନ୍ଦହୋଇ ଥିବା ସମସ୍ତ ଡ୍ରେନରୁ ପରୀକ୍ଷାମୂଳକ କାର୍ଯ୍ୟ ଆସନ୍ତା ୭ ଦିନ ମଧ୍ୟରେ ଶେଷ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

Scanned with CamScanner

୨. କଟକ ମହାନଗର ନିଗମ ଅର୍ନ୍ତଗତ ୱାର୍ଡ ନଂ-୧୬ରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ସମାଧିପୀଠରେ ମିନି ପାର୍କ ନିର୍ମାଣ କରାଯିବାକୁ ସ୍ଥିର କରାଗଲା । ଯଥାଶିଘ୍ର ଯନ୍ତ୍ରୀ ବିଭାଗ ଡ଼ିପିଆର୍ ପ୍ରସ୍ତୁତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୩. ନିଗମର ବିଶ୍ଵନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ନିର୍ମାଣ ନିମନ୍ତେ ବାଦାମବାଡ଼ିସ୍ଥିତ ପୁରୀ ବସଷ୍ଟାଣ୍ଡରେ ନିର୍ମାଣ କରାଯିବା ସହ ଉକ୍ତ ସ୍ଥାନରେ Working Women's Hostel ମଧ୍ୟ ନିର୍ମାଣ କରାଯିବାକୁ ସ୍ଥିର କରାଗଲା । ଯଥାଶିଘ୍ର ଯନ୍ତ୍ରୀ ବିଭାଗ ଦ୍ଵାରା ଦ୍ଵାରା ଖର୍ଚ୍ଚ ଅଟ୍ଟକଳ ପ୍ରସ୍ତୁତ ସହ ଡ଼ିପିଆର୍ ପ୍ରସ୍ତୁତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୪. ନିଗମର ମୁଖ୍ୟ ଆୟ ଟିକସ ହୋଇଥିବାରୁ । ତାହାକୁ ୫୦ କୋଟିରୁ ୧୦୦ କୋଟିକୁ ବୃଦ୍ଧି କରାଯିବା ନିମନ୍ତେ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ । ଲାଇସେନ୍ସ ଏବଂ ଟିକସ ବିଭାଗ ସହ ଅଧିକାରୀମାନଙ୍କୁ ନେଇ ମିଳିତ ବୈଠକ କରାଯାଇ କାର୍ଯ୍ୟକାରୀ କରିବା ସହ ବିଡ଼ାନାସୀ Land settlement ଦୀର୍ଘ ୩୦ ବର୍ଷ ହେବ ହୋଇନଥିବାରୁ, ଉକ୍ତ ଅଂଚଳରେ ଥିବା ଗୃହ ମାଲିକମାନଙ୍କ ଠାରୁ ୟୁଜର୍ସ ଫି ଆଦାୟ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୫. ନିଗମରେ ବର୍ତ୍ତମାନ କର୍ମଚାରୀ ଅଭାବ କାରଣରୁ ନିଗମ ଅଂଚଳର ସମସ୍ତ ୱାର୍ଡ଼ର ଗୃହ ଟିକସ ଏବଂ ବ୍ୟବହାରିକ ଟିକସ ସଠିକ ଭାବେ ଆଦାୟ ହୋଇପାରୁନାହିଁ । ଏହାକୁ ଦୃଷ୍ଟିରେ ରଖାଯାଇ ନିଗମର ସମସ୍ତ ୱାର୍ଡ଼ରୁ ଟିକସ ସଂଗ୍ରହଣ **Active SHG Group** ଦ୍ଵାରା ଆଦାୟ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା ।

୬. ନିଗମରେ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ୬ ଗୋଟି ଜୋନ ପାଇଁ ଟେଣ୍ଡର କରାଯାଇଥିଲା । ଏହି ଟେଣ୍ଡର ପକ୍ରିୟାରେ ଅଂଶ ଗ୍ରହଣ କରିଥିବା ସମସ୍ତ ୬ ଗୋଟି ଜୋନ ନିମନ୍ତେ **L1** ହୋଇଥିବା ସଂସ୍ଥା ଗୁଡ଼ିକର କାଗଜାତ ସଠିକ୍ ଥିବା ବେଳେ, ଜୋନ -୩ ଏବଂ ଜୋନ-୪ର ପରିମଳ କାର୍ଯ୍ୟ ନିମନ୍ତେ **L1** ହୋଇଥିବା ମେସର୍ସ ମଂଜୁ ସର୍ଭିସ ନାମରେ ଭୁବନେଶ୍ଵର ମହାନଗର ନିଗମ ପରିମଳ ଟେଣ୍ଡର କାର୍ଯ୍ୟ ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମାମଲା ଥିବା ନେଇ ଗୃହରେ କେତେକ ସଦସ୍ୟ/ସଦସ୍ୟାମାନେ ଅଭିଯୋଗ କରିବା ସହ ପରବର୍ତ୍ତି ବୈଠକରେ ଆଲୋଚନା କରି ତଥ୍ୟ ଉପସ୍ଥାପନ ସହ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ଉପସ୍ଥାପନା କରିଥିଲେ । ଏହି ଅଭିଯୋଗ ଆଧାରରେ ମଂଜୁ ସର୍ଭିସ ନାମରେ ଥିବା ମାମଲାକୁ ତର୍ଜମା କରାଯାଇ ପରବର୍ତ୍ତି ବୈଠକରେ ଆଲୋଚନା କରାଯାଇ ନିଷ୍ପତି ଗ୍ରହଣ କରିବାକୁ ସ୍ଥିର କରାଗଲା । ଅନ୍ୟ ୪ ଗୋଟି ଜୋନର ପରିମଳ ଟେଣ୍ଡରକୁ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପତ୍ରାଳାପ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା ।

୭. କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଆସନ୍ତା ତା ୦୧.୦୭.୨୦୨୨ରିଖ ଠାରୁ Single Use Plastic Ban ହେବାକୁ ଥିବାରୁ, ଏହାକୁ ନିଗମ ଅଂଚଳରେ କାର୍ଯ୍ୟକାରୀ କରାଯିବା ନିମନ୍ତେ ଏନଫୋର୍ସମେଂଟ ସ୍କ୍ୱାର୍ଡ଼ ଗଠନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୮. ନିଗମ ଅଧିନରେ NUHM Guidelines ଅନୁଯାୟୀ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।



Scanned with CamScanner

୯. ବିତ୍ତ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିବା କଟକ ମହାନଗର ନିଗମର, ମଇ-୨୦୨୨ ମାସର ଆୟ ବ୍ୟୟ  ହିସାବ ଫର୍ଦ୍ଦ ଉପରେ ଅଡ଼ିଟ୍ ମତାମତ ଅନୁଯାୟୀ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା । (Expenditure Statement is Passed subject to Audit)

୧୦. ନିଗମରେ ବିଭିନ୍ନ ବର୍ଗର କର୍ମଚାରୀ ଅବସର ଏବଂ ମୃତ୍ୟୁବରଣ କରିବା ପରେ ନିଗମରେ ବହୁ ପଦବୀ ଗୁଡ଼ିକ ଖାଲି ପଡ଼ିଛି । ତେଣୁ ଦୀର୍ଘ ୨୦/୨୫ ବର୍ଷ ଧରି ନିଗମରେ ଏନ୍.ଏମ୍.ଆର୍/ ଡ଼ିଏଲ୍.ଆର ଭାବେ ବହୁ ସ୍ୱଳ୍ପ ଦରମାରେ କାର୍ଯ୍ୟ କରି ଆସୁଥିବା କର୍ମଚାରୀ ମାନଙ୍କର ଯୋଗ୍ୟତା ଆଧାରରେ ଏକ ଚୟନ କମିଟି ଆୟୁକ୍ତଙ୍କ ଅଧ୍ୟକ୍ଷତାରେ କରାଯାଇ ନିଗମରେ ଖାଲିଥିବା ପଦବୀରେ ଅବସ୍ଥାପିତ କରାଯିବା ନିମନ୍ତେ , ରାଜ୍ୟ ସରକାରଙ୍କୁ ପତ୍ରାଳାପ କରାଯାଇ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

୧୧. ନିଗମରେ ଦୀର୍ଘ ୧୨/୧୫ ବର୍ଷରୁ ଉର୍ଦ୍ଧ୍ୱହେବ Data Entry Operator ମାନେ ସ୍ୱଳ୍ପ ଦରମାରେ ନିଗମ ତଥା ବହିଃ ନିଯୁକ୍ତ ସଂସ୍ଥା ମାଧ୍ୟମରେ ନିଗମରେ କାର୍ଯ୍ୟ କରିଆସୁଛନ୍ତି । ସେମାନଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା, କାର୍ଯ୍ୟ ଦକ୍ଷତା ଏବଂ ନିଗମରେ କାର୍ଯ୍ୟର ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖାଯାଇ ନିଗମ ପାଇଁ ୧୩ ଗୋଟି Data Entry Operatorର ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାରଙ୍କ ପତ୍ରାଳାପ କରାଯାଇ ଯଥାଶିଘ୍ର ପଦବୀ ମଂଜୁର କରାଯିବା ସହ, ଉକ୍ତ Data Entry Operator ମାନଙ୍କୁ ଆବଶ୍ୟକୀୟ ପଦବୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା ।

୧୨. ନିଗମରେ ସ୍ୱାସ୍ଥ୍ୟ ବିଭାଗରେ ବହୁ କର୍ମଚାରୀ ଅବସର ଏବଂ ମୃତ୍ୟୁ ବରଣ କରିଥିବାରୁ ବାହ୍ୟ ଜନ ଯୋଗାଣ ସଂସ୍ଥାକୁ ଲୋକ ଅଣାଯାଇ କାର୍ଯ୍ୟ କରାଯାଉଅଛି । ତେଣୁ ତୁରନ୍ତ **Manpower Tender** କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

୧୩. ନିଗମରେ ଆଇନ ଅଧିକାରୀ ପଦବୀ ବହୁ ଦିନରୁ ଖାଲିପଡ଼ିଥିବାରୁ, ଯଥାଶିଘ୍ର ଜଣେ ସ୍ଥାୟୀ ଆଇନ ଅଧିକାରୀଙ୍କୁ ଅବସ୍ଥାପିତ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କୁ ପତ୍ରାଳାପ କରାଯାଇ ପଦକ୍ଷେପ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

୧୪. ନିଗମ ଅଂଚଳରେ ୬୦ ଏବଂ ୮୦ ବର୍ଷ, ବିଧବା, ଭିନ୍ନକ୍ଷମ ବହୁ ଯୋଗ୍ୟ ହିତାଧିକାରୀ ବର୍ଷ ବର୍ଷ ଧରି ଆବେଦନ କରିଥିଲେ ସୁଦ୍ଧା ଭତ୍ତା ପାଇପାରୁନାହାଁନ୍ତି । ତେଣୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ପତ୍ରାଳାପ କରାଯାଇ  ଭତ୍ତା ଟାର୍ଗେଟ୍ ପୂରଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

୧୫. ରାସନ କାର୍ଡ଼ରେ ବହୁ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଛନ୍ତି । ଏହି ଯୋଜନାରେ ମୃତ୍ୟୁ ବରଣ କରିଥିବା କେତେ ହିତାଧିକାରୀ ଅଛନ୍ତି, ତାହାକୁ ଗୋଷ୍ଠୀ ସଂଗଠକ ମାନଙ୍କ ଦ୍ୱାରା ତଦନ୍ତ କରାଯାଇ ଉକ୍ତ ଯୋଜନାରୁ ବାଦ ଦେବା ସହ ନୂତନ ହିତାଧିକାରୀ ଚୟନ କରାଯାଇ ରାସନ କାର୍ଡ ଯୋଜନାରେ ଅର୍ନ୍ତଭୁକ୍ତ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

୧୬. ବକ୍ସି ବଜାର ଉର୍ଦ୍ଦୁ ଲାଇବ୍ରେରୀର ପ୍ରତିଷ୍ଠାତା ଶ୍ରୀଯୁକ୍ତ ମଇନୁଦ୍ଦିନ ଅହମ୍ମଦ, ଅବସରପ୍ରାପ୍ତ, ଭାରତୀୟ ପ୍ରଶାସନିକ ଅଧିକାରୀ ୧୯୯୨ ମସିହାରେ ନିଗମକୁ ଲାଇବ୍ରେରୀ ମାଲିକାନା ହସ୍ତାନ୍ତର କରିଥିଲେ ମଧ୍ୟ ୩୦ ବର୍ଷ ହେଲା  ଉକ୍ତ ପାଠାଗାରର ଜାଗା ନିଗମ ନାମରେ କରାଯାଇନାହିଁ ।  ଯେଉଁ ବଦାନ୍ୟ ବ୍ୟକ୍ତି ନିଗମକୁ ହସ୍ତାନ୍ତର କରିଥିଲେ ସେ ମହାଶୟ

Scanned with CamScanner

ମୁଖ୍ୟ ବନ୍ଦ କରିବା ପରେ ତାହାର ଉତ୍ତରାଧିକାରୀମାନେ ନିଗମକୁ ମାସିକାଳୀ ଅନୁଯାୟୀ ଭଡ଼ା ପ୍ରଦାନ କରିବାକୁ ଚାହୁଁଥିବାରୁ, ଉକ୍ତ ମା ଗୁମ୍ଫ ଭଡ଼ାଟି ସହ ସମସ୍ତ ମାସିକାଳୀ ନିଗମ ନାମରେ କରାଯିବା ସହିତ ଅସୁଲଥିବା ପାଠାଗାରକୁ ପୁନର୍ଜୀବିତ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

୧୭. ପ୍ରତ୍ୟେକ ମାସରେ ନିଗମର ପରିଷଦ ବୈଠକ ଅନୁଷ୍ଠିତ ହେଉଥିବାରୁ, ବୈଠକରେ ଉପସ୍ଥିତ ରହୁଥିବା ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିମନ୍ତେ **Tea, Snacks & Working Lunch** ବାବଦରେ ପ୍ରତ୍ୟେକ ମାସରେ ଟ. ୩୦,୦୦୦/-ଙ୍କା ନିଗମ ପାଣ୍ଠିରୁ ବହନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା ।

୧୮. ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ପତ୍ର ସଂ ୧୪୯, ତା ୨୩.୦୪.୨୦୨୨ରିଖ ଅନୁଯାୟୀ ବାରବାଟୀ କଟକ ନିର୍ବାଚନ ମଣ୍ଡଳୀର ୱାର୍ଡ ନଂ-୨, ୭ ଏବଂ ୧୬ରେ ପୂର୍ବରୁ ଉନ୍ନତି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ନିମ୍ନଲିଖିତ ଅନୁମୋଦିତ କାର୍ଯ୍ୟ ବଦଳରେ ପ୍ରସ୍ତାବିତ ନୂତନ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

| Sl. No. | Name of the Projects previously sent | Amount (In Lakhs) | Name of the Projects proposed now for execution | Amount (In Lakhs) |
|---|---|---|---|---|
| 1. | Upgradation of road and drain from Hanuman Nana res to Sovaniya Road, Nuasahi | Rs. 4.97 | Construction of RCC road, drain, slab from Sukadev Gaana House to Satyabrata Acharya House, Bidanasi, Cuttack, Ward No-2 | Rs. 4.97 |
| 2 | Upgradation of road and drain from Ranjit Sethy house to Dhobasahi | Rs. 3.30 | Construction of CC Road Jagannath Tripathy house to Sridhar Mohanty House, Ward No-7 | Rs. 3.30 |
| 3 | Construction of Community Hall at Deer Park, Harijan Sahi, Tulsipur | Rs. 4.00 | Construction of Community Hall at Baba Kala Pehelwan, Indoor Stadium, Tulsipur, Cuttack, Ward No-16 | Rs. 4.00 |

୧୯. ଶ୍ରୀମତୀ ଲକ୍ଷ୍ମୀ ଦାସ, କର୍ପୋରେଟର ୱାର୍ଡ ନଂ-୨୭ ପ୍ରଦାନ କରିଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ, ଗତ ତା ୨୭.୦୧.୨୦୨୨ରିଖ ପରିଷଦ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ନଂ ୪୪ର (୧୯୩)ରେ Reconstruction of road from Pithapur Siba Mandira to Annapurna Hotel Chakka in Ward No. 29 of CMC. କାର୍ଯ୍ୟକୁ ସଂଶୋଧନ କରାଯାଇ, ଏହା ବଦଳରେ Reconstruction of road from Pithapur Siba Mandira to Annapurna Hotel Chakka in Ward No. 27 of CMC. କାର୍ଯ୍ୟ କରାଯିବାକୁ ସ୍ଥିର କରାଗଲା ।

ମାନ୍ୟବର ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝି ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ଭଙ୍ଗ କରାଯାଇଥିଲା ।

(ସୁଭାଷ ଚନ୍ଦ୍ର ସିଂହ) [signature]

ମେୟର

କଟକ ମହାନଗର ନିଗମ



Scanned with CamScanner

ଜ୍ଞାପକ ନଂ ...୨୨୧.....ତା. ୧୫.୦୪.୨୦୨୨

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ତଥା ପ୍ରମୁଖ ଅତିରିକ୍ତ ମୁଖ୍ୟ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ଜିଲ୍ଲାପାଳ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ନଂ ..୨୨୨.....ତା. ୧୫.୦୪.୨୦୨୨

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ନଂ ..୨୨୩.....ତା. ୧୫.୦୪.୨୦୨୨

ଏହାର ଏକ କିତା ନକଲ କମିଶନର / ନିଗମର ସମସ୍ତ ଅଧିକାରୀ / ରାଜସ୍ୱ ଶାଖା / ନିର୍ମାଣ ଶାଖା (୧ ଓ ୨) / ଉପ ନିର୍ବାହୀ ଯନ୍ତ୍ରୀ / ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ / ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ଉଚିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ନଂ ..୨୨୪....ତା. ୧୫.୦୪.୨୦୨୨

ଏହାର ଏକ କିତା ନକଲ ଡେପୁଟି ମେୟର / ମେୟରଙ୍କ ବ୍ୟକ୍ତିଗତ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ଉଚିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ନଂ ..୨୨୫....ତା. ୧୫.୦୪.୨୦୨୨

ଏହାର ଏକ କିତା ନକଲ ନିଗମର ସୂଚନା ଫଳକରେ ଲଗାଇବାକୁ ଏବଂ ଆଇଟି ସେଲ କୁ ପ୍ରଦାନ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

Scanned with CamScanner